The Odisha Gazette

EXTRAORDINARY

PUBLISHED BY AUTHORITY

No. 2466 CUTTACK, MONDAY, AUGUST 4, 2025/SRAVANA 13 1947

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରି

ଘୋଷଣା।

ତାରିଖ ୨୮ ଜୁଲାଇ ୨୦୨୫

ସଂଖ୍ୟା 5288/2025—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା କୁକୁଡାଗୁଡା, ଥାନା ମାଲକାନଗିରି, ତହସିଲ ମାଲକାନଗିରି, ଜିଲ୍ଲା ମାଲକାନଗିରିରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର- ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୧/୨୦୨୩, ତା ୧୬ ଜୁନ ୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା କୁକୁଡାଗୁଡା, ଥାନା ମାଲକାନଗିରି, ତହସିଲ ମାଲକାନଗିରି, ଜିଲ୍ଲା ମାଲକାନଗିରିର ଜୟପୁର- ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗକରଣ ପ୍ରକଳ୍ପ ତଥା ତହସିଲଦାର, ମାଲକାନଗିରିଙ୍କ ତହସିଲ କାର୍ଯ୍ୟାଳୟ, ମାଲକାନଗିରି କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-'କ'

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା ମାଲକାନଗିରି ତହସିଲ ମାଲକାନଗିରି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
କୁକୁଡାଗୁଡା	ଗ୍ରାମାଞ୍ଚଳ	ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀଏଥି ସହ ସଂଲଗ୍ନ କରାଗଲା ।					

ଭୂମି ଅନୁସୂଚୀ

ଖାତା ନଂ.	ପ୍ଲଟ ନଂ.	ମୋଟ ରକବା	ଅଧିଗ୍ରହଣ ରକବା	କିସମ	ରୟତଙ୍କ ନାମ
୫	୧	୧.୭୫୪	୦.୧୯୮	ଡଙ୍ଗର ଦୁଇ	ଇରିମା ପଡ଼ିଆମି, ପି. ପାଣ୍ଡୁ ପଡ଼ିଆମି, ଜା. କୋୟା, ବା. ନିଜଗାଁ ।
୧୯	୨/୧	୬.୮୦୨	୩.୮୧୪	ଜଙ୍ଗଲ	ଧନ ପଡ଼ିଆମି, ପି. ଇର୍ମା ପଡ଼ିଆମି, ହିରାମୁନି ପଡ଼ିଆମି, ସ୍ୱା. ଧନ ପଡ଼ିଆମି, ଜା. କୋୟା, ବା. କୁକୁଡାଗୁଡା ।
	ମୋଟ	**୮.୫୫୬**	**୪.୦୧୨**		

ତଫସିଲ–'ଖ'

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା ମାଲକାନଗିରି ତହସିଲ ମାଲକାନଗିରି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପ୍ରଯୁଜ୍ୟ ନୁହେଁ							

ଅଧିସୂଚନା ବୈଧ ତାରିଖ— ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନଠାରୁ ଛଅ ମାସ ମଧ୍ୟରେ ।

ଉକ୍ତ ଜମିରେ ସ୍ୱାର୍ଥ ଥିବା ବ୍ୟକ୍ତିବିଶେଷ ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ଓକିଲ ଜରିଆରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରିଠାରେ ତା ୧ ସେପ୍ଟେମ୍ବର ୨୦୨୫ ରିଖ ଦିବା ୧୧–୦୦ ଘଟିକା ସମୟରେ ଉପସ୍ଥିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ନିଜର ସ୍ୱାର୍ଥ ସାବ୍ୟସ୍ତ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଆଶିଷ ପାଟିଲ

ଜିଲ୍ଲାପାଳ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1676—173+4